# ବିଜ୍ଞାପନ

## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ , ଉମରକୋଟ

ପତ୍ର ସଂଖ୍ୟା : ୪୨୩ ତା :୧୯.୦୫.୨୦୨୫

ଏତଦ୍ୱାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଉମରକୋଟ ଅନ୍ତର୍ଗତ ନିମ୍ନଲିଖିତ ଅଙ୍ଗନବାଡ଼ି କେନ୍ଦ୍ରର ସେବା ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଉମରକୋଟ ଅଧିନରେ ଖାଲି ଥିବା ନିମ୍ନଲିଖିତ ଅଙ୍ଗନବାଡ଼ି କେନ୍ଦ୍ରର ଅଙ୍ଗନବାଡି କର୍ମୀ ପଦବୀ ପୂରଣ ନିମନ୍ତେ ଯୋଗ୍ୟ ପ୍ରାର୍ଥିନୀ ମାନଙ୍କ ଠାରୁ online ମାଧ୍ୟମ ରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ପ୍ରାର୍ଥିନୀ online ମାଧ୍ୟମ ରେ ଏହି ୱେବସାଇଟ (http://enganement-odisha.gov.in) ରେ public sign ରେ registration କରି public log in କରି user id & password କୁ ଯାଇ ଆବଶ୍ୟକ ହେଉଥିବା ସମସ୍ତ ମୂଳ (Original) ପ୍ରମାଣ ପତ୍ର upload କରି ଦରଖାସ୍ତ ଆବେଦନ କରିବେ । ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ତା: ୦୩ .୦୬.୨୦୨୫ ଅଟେ ।

ଅଙ୍ଗନୱାଡି କର୍ମୀ ପଦ ପୂରଣ ନିମନ୍ତେ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ତାଲିକା ନିମ୍ନରେ ଦିଆଗଲା

| କ୍ର. ନଂ. | ଗ୍ରାମପଞ୍ଚାୟତ ର ନାମ | ଅଙ୍ଗନୱାଡି କେନ୍ଦ୍ର ର ନାମ | ସଂଖ୍ୟା ଗରିଷ୍ଠ ସମ୍ପ୍ରଦାୟ ର ନାମ (SC, ST, OBC ) | ପ୍ରଥମ ଘର ଓ ଶେଷ ଘରର ମୁଖ୍ୟ ଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|
| ୧ | ବକୋଦା | ସ୍ୱର୍ଣପୂରୀ | SC | ବିନନ୍ଦା ବିଶ୍ବାସ ଙ୍କ ଘର ଠାରୁ ରଞ୍ଜିତ ଦାସ ଙ୍କ ଘର ପର୍ଯ୍ୟନ୍ତ | |
| ୨ | ବଡକୁମାରୀ | ଖୁଟୁଗୁଡା-୨ | SC | ସୁବଲ ବିଶ୍ବାସ ଙ୍କ ଘର ଠାରୁ ତାପସ ମଣ୍ଡଳ ଙ୍କ ଘର ପର୍ଯ୍ୟନ୍ତ | |
| ୩ | ହିରାପୁର | ବିରିଶାଡି | ST | ମନବଧ ଗୌଡ ଙ୍କ ଘର ଠାରୁ ଦିନବନ୍ଧୁ ଗାଣ୍ଡା ଙ୍କ ଘର ପର୍ଯ୍ୟନ୍ତ | |

**ଅଙ୍ଗନୱାଡି କର୍ମୀ ପଦ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା:-**

୧ - । ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସେବା ଅଞ୍ଚଳର ସ୍ଥାୟୀବାସିନ୍ଦା ହୋଇଥିବେ ।

୨ - ପ୍ରାର୍ଥିନୀ ବୟସ ତା:୦୧/୦୧/୨୦୨୫ ରିଖ ସୁଦ୍ଧା ୧୮ ବର୍ଷ ରୁ କମ ଓ ୩୫ ବର୍ଷ ରୁ ଅଧିକ ହୋଇ ନ ଥିବା ଦରକାର।

୩ - ପ୍ରାର୍ଥିନୀ ଙ୍କର ସର୍ବ ନିମ୍ନ ଯୋଗ୍ୟତା ଅତି କମ ରେ ଦ୍ୱାଦଶ(+୨) ପାସ ହୋଇଥିବା ଆବଶ୍ୟକ ।

୪ - ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ହାସଲ କରିଥିବା ମାର୍କ ଆଧାର ରେ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ । ଏତଦ ବ୍ୟତୀତ ନିମ୍ନ ଲିଖିତ ଶ୍ରେଣୀଭୁକ୍ତ ପ୍ରାର୍ଥିନୀ ମାନଙ୍କୁ ସରକାର ଙ୍କ ଅଙ୍ଗନୱାଡି କର୍ମୀ ଚୟନ ନିର୍ଦ୍ଦେଶାବଳୀ ଅନୁସାରେ ଅତିରିକ୍ତ ମାର୍କ ପ୍ରଦାନ କରାଯିବ ।

a ) ଅନୁସୂଚିତ ଜନଜାତି ( ST / SC ) ହୋଇଥିଲେ ।

b ) ବିଧବା ହୋଇଥିଲେ ।

c ) ଅନାଥ ଝିଅ ହୋଇଥିଲେ ।

d ) ଶାରୀରିକ ଭିନ୍ନକ୍ଷମ ମହିଳା ହୋଇଥିଲେ ( ୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବେ ଗ୍ରହଣ କରାଯିବ ।

e ) ନିରାଶ୍ରୟ / ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତା ମହିଳା ହୋଇଥିଲେ ।

f ) ଉଚ୍ଚ ଶିକ୍ଷା ଗତ ଯୋଗ୍ୟତା ହୋଇଥିଲେ ।

g ) ଅତୀତରେ ସମଗ୍ର ଶିକ୍ଷା / ଏନ୍.ପି.ଇ.ଜି.ଇ. ଏଲ ଅଧୀନ ରେ ଇ.ସି.ସି.ଇ ଓ ୱାର୍କର ଭାବେ କାର୍ଯ୍ୟ କରିଥିଲେ ।

h ) ଅତୀତରେ ଗାଁ ର ବାଲୱାଡି କେନ୍ଦ୍ର ରେ ବାଲୱାଡି କର୍ମୀ ଭାବେ କାର୍ଯ୍ୟ କରିଥିଲେ ।

୫ - ଟିଏସପି (TSP) ଅଞ୍ଚଳ ରେ ଥିବା ଅଙ୍ଗନବାଡି କେନ୍ଦ୍ର ପାଇଁ ତଫସିଲଭୁକ୍ତ ଜନଜାତି (ST) ପ୍ରାର୍ଥୀନୀ ମାନଙ୍କ ପାଇଁ ଅଗ୍ରାଧିକାର ଦିଆଯିବ। । ଯଦି ଉକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଞ୍ଚଳ (ସେବାଞ୍ଚଳ/ ପଡା ) ରୁ ଉପଯୁକ୍ତ ତଫସିଲଭୁକ୍ତ ଜନଜାତି (ST) ପ୍ରାର୍ଥୀନୀ ନ ମିଳନ୍ତି, ତେବେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଗ୍ରାମ ( ସେବାଗ୍ରାମ / ପଡା ) ରୁ ତଫସିଲଭୁକ୍ତ ଜନଜାତି (ST) ପ୍ରାର୍ଥୀନୀ ଙ୍କୁ ବିଚାରକୁ ନିଆଯିବ । ଯଦି ଉକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଗ୍ରାମ (ସେବାଗ୍ରାମ / ପଡା ) ରୁ ଉପଯୁକ୍ତ ତଫସିଲଭୁକ୍ତ ଜନଜାତି (ST) ପ୍ରାର୍ଥୀନୀ ନ ମିଳନ୍ତି, ତେବେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଅଞ୍ଚଳ ର ପାଖ ଗ୍ରାମରୁ ( ସେବାଗ୍ରାମ / ପଡା ) ରୁ ତଫସିଲଭୁକ୍ତ ଜନଜାତି (ST) ପ୍ରାର୍ଥୀନୀ ଙ୍କୁ ବିଚାରକୁ ନିଆଯିବ ।

୬ - ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଞ୍ଚଳ / ସେବା ଗ୍ରାମ / ଗ୍ରାମପଞ୍ଚାୟତ ରୁ ଯୋଗ୍ୟ ତଫସିଲଭୁକ୍ତ ଜନଜାତି (ST) / ପ୍ରାର୍ଥୀନୀ ନ ମିଳିଲେ, ତେବେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରର ସେବାଞ୍ଚଳ ରୁ ତଫସିଲଭୁକ୍ତ ଜାତି (SC) ପ୍ରାର୍ଥୀନୀ ଙ୍କୁ ବିଚାରକୁ ନିଆଯିବ । ଯଦି ଉକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଞ୍ଚଳ (ସେବାଞ୍ଚଳ/ ପଡା ) ରୁ ଉପଯୁକ୍ତ ତଫସିଲଭୁକ୍ତ ଜାତି (SC) ପ୍ରାର୍ଥୀନୀ ନ ମିଳନ୍ତି ତେବେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ( ସେବାଗ୍ରାମ / ପଡା ) ରୁ ତଫସିଲଭୁକ୍ତ ଜାତି (SC) ପ୍ରାର୍ଥୀନୀ ଙ୍କୁ ବିଚାରକୁ ନିଆଯିବ । ଯଦି ଉକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଗ୍ରାମ (ସେବାଗ୍ରାମ / ପଡା ) ରୁ ଉପଯୁକ୍ତ ତଫସିଲଭୁକ୍ତ ଜାତି (SC) ପ୍ରାର୍ଥୀନୀ ନ ମିଳନ୍ତି, ତେବେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଅଞ୍ଚଳ ର ପାଖ ଗ୍ରାମରୁ ( ସେବାଗ୍ରାମ / ପଡା ) ରୁ ତଫସିଲଭୁକ୍ତ ଜାତି (SC) ପ୍ରାର୍ଥୀନୀ ଙ୍କୁ ବିଚାରକୁ ନିଆଯିବ । ଯଦି କୌଣସି ଉପଯୁକ୍ତ ତଫସିଲଭୁକ୍ତ ଜନଜାତି / ତଫସିଲଭୁକ୍ତ ଜାତି (ST / SC) ଯୋଗ୍ୟ ପ୍ରାର୍ଥୀନୀ ନ ମିଳନ୍ତି, ତେବେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଞ୍ଚଳ ର ଅଣ ତଫସିଲଭୁକ୍ତ ଜନଜାତି / ତଫସିଲଭୁକ୍ତ ଜାତି ( Non ST / SC) ପ୍ରାର୍ଥୀନୀ ଙ୍କୁ ବିଚାରକୁ ନିଆଯିବ ।

୭ - ୫ ବର୍ଷ ରୁ ଉର୍ଦ୍ଧ କାର୍ଯ୍ୟ କରିଥିବା ସାହାଯ୍ୟ କାରିଣୀ ଯଦି ଦ୍ୱାଦଶ (12th ) ପାସ କରିଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ । ଟିଏସପି (TSP) ଅଞ୍ଚଳ ରେ ଥିବା ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ସେବାଞ୍ଚଳ ର non ST / SC ସାହାଯ୍ୟ କାରିଣୀ ଙ୍କୁ ମଧ ବିଚାରକୁ ନିଆଯିବ । ସାହାଯ୍ୟ କାରିଣୀ ଙ୍କ ବୟସ ସୀମା ୧୦ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ ।

୮ - ୧ ବର୍ଷ ରୁ ଉର୍ଦ୍ଧ କାର୍ଯ୍ୟ କରି ଥିବା ମିନି ଅଙ୍ଗନବାଡି କର୍ମୀ ଯଦି ଦ୍ୱାଦଶ (12th ) ପାସ କରିଥିବେ ତେବେ ତାଙ୍କୁ ଉକ୍ତ ଅଙ୍ଗନବାଡି କେନ୍ଦ୍ର ରେ କର୍ମୀ ଚୟନ ରେ ଅଗ୍ରାଧିକାର ଦିଆଯିବ ।

**ନିମ୍ନଲିଖିତ ପ୍ରମାଣ ପତ୍ର ଆବେଦନ କରିବା ସମୟରେ ଦାଖଲ କରିବେ ।**

୧ - ସଦ୍ୟତମ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୨ - ଜାତିଗତ ପ୍ରମାଣ ପତ୍ର ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୩ - ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ଦ୍ୱାଦଶ ପାସ ର ମାର୍କ ସିଟ ।

୪ - ବିଧବା , ଅନାଥ , ଛାଡପତ୍ର ପ୍ରାପ୍ତ , ନିରାଶ୍ରୟ, ECCE ୱାର୍କର ହୋଇଥିଲେ ତତ୍ ସମ୍ବନ୍ଧୀୟ ପ୍ରମାଣ ପତ୍ର ।

ଏହି ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ।ଯଦି ଆବେଦନକାରୀଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ଆସେ, ତା ହେଲେ ଯେ କୌଣସି ମୁହୁର୍ତ୍ତରେ ସେମାନଙ୍କର ପଦବୀରୁ ଅନ୍ତର କରାଯାଇପାରିବ । ଅଙ୍ଗନବାଡି କର୍ମୀ ଜଣେ ସ୍ୱେଚ୍ଛାସେବୀ ଯାହାକୁ ନିଜ ଗୋଷ୍ଠୀର ଲୋକଙ୍କର ସେବା ପାଇଁ ପାରିଶ୍ରମିକ ବାବଦ କୁ ମାସିକ ଟ.୧୦,୦୦୦ /- ( ଦଶ ହଜାର ଟଙ୍କା ) ମାତ୍ର ମାନଦେୟ ଦିଆଯାଏ । The Provision of ORV Act ( for ST/SC) 1975 and employment exchange ( Compulsory Notification of Vacancies ) Act 1959 shall not apply in selection of AWWs . ତେଣୁ ଭବିଷ୍ୟତରେ ସେମାନେ ସ୍ଥାୟୀ ସରକାର ଚାକିରୀ ପାଇଁ ଦାବି କରିପାରିବେ ନାହିଁ ।

ଏହି ବିଜ୍ଞାପନ ପ୍ରକାଶନ ଚୟନ ଠାରୁ ଚୟନ ପ୍ରକ୍ରିୟା ସମାପ୍ତ ମଧରେ ଯଦି ସରକାରଙ୍କ ଠାରୁ କୌଣସି ପରିବର୍ତ୍ତନ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ ସେ ପରିସ୍ଥିତି ରେ ବିଜ୍ଞାପନ ରଦ୍ଦ କରାଯାଇ ପାରିବ ।

ସମସ୍ତ ଅବେଦନକାରୀ ମାନଙ୍କୁ ସୂଚିତ କରାଯାଉଛି ଯେ ଆସନ୍ତା ତା : ୦୪.୦୬ .୨୦୨୫ ରିଖ ପୂର୍ବାହ୍ନ ୯.୦୦ ଘଟିକା ଠାରୁ ଅପରାହ୍ନ ୦୧ .୦୦ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ ମୂଳ ପ୍ରମାଣପତ୍ର ବା ଦସ୍ତାବିଜ ( Original Certificate with Documents ) ସହିତ ନିଜେ ଆବେଦନକାରିଣୀ ଉପସ୍ଥିତ ରହି ନିଜର ପ୍ରମାଣ ପତ୍ର ଗୁଡିକ ଯାଞ୍ଚ କରାଇନେବେ ଅନ୍ୟଥା ତାଙ୍କ ଦରଖାସ୍ତକୁ ନାକଚ କରିଦିଆଯିବ ।

CDPO, Child Dev. Project Officer, Umerkote

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ଉମରକୋଟ

ପରିପତ୍ର ସଂଖ୍ୟା : ୪୨୪ ତାରିଖ: ୧୯ .୦୫.୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନବରଙ୍ଗପୁର- ତଥା- ଅଧକ୍ଷ- ସମନ୍ଵିତ ଶିଶୁ ବିକାଶ ପ୍ରକଳ୍ପ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

19/05/2025

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉମରକୋଟ
Child Dev. Project Officer
Umerkote

ତାରିଖ: ୧୯ .୦୫.୨୦୨୫

ପରିପତ୍ର ସଂଖ୍ୟା : ୪୨୫

ଏହାର ଏକକିତା ନକଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ନବରଙ୍ଗପୁର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

19/05/2025

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉମରକୋଟ
Umerkote

ତାରିଖ: ୧୯ .୦୫.୨୦୨୫

ପରିପତ୍ର ସଂଖ୍ୟା : ୪୨୬

ଏହାର ଏକକିତା ନକଲ ସମନ୍ଵିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଉମରକୋଟ ଙ୍କ ନୋଟିସ ବୋର୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉମରକୋଟ / ସରପଞ୍ଚ ବକୋଦା, ବଡ଼କୁମାରି ଓ ହିରାପୁର ଗ୍ରାମପଞ୍ଚାୟତ / ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ୱାର୍ଡ ମେମ୍ବର / ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକା ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

19.05.2025

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ଉମରକୋଟ
Child Dev. Project Officer
Umerkote